# ଅଲ ଓଡ଼ିଶା ୟୁନିୟନ ବ୍ୟାଙ୍କ ଏମ୍ପ୍ଲୟୀଜ ଆସୋସିଏସନ

(AIUBEF ସହ, ଏବଂ AOBEF ମାଧ୍ୟମରେ BEFI ସହ, ଅନୁବନ୍ଧିତ), e-mail :- aoubea@gmail.com
ସ୍ଥାପିତ - ୦୭-୦୮-୧୯୭୭, ରେଜିଷ୍ଟ୍ରେସନ ନଂ.:- ୧୩୪୨/୨୩-୦୨-୧୯୮୧ (ଭାରତୀୟ ଶ୍ରମିକ ସଂଗଠନ ଆଇନ ୧୯୨୬)
ମୋବାଇଲ୍ ନଂ.:- ସଭାପତି – ସାଥି ଉପେନ୍ଦ୍ର ମହାନ୍ତି - 94372 72600, ସାଧାରଣ ସମ୍ପାଦକ – ସାଥି ଅଜୟ କୁମାର ମହାନ୍ତି - 94396 17325
ମୁଖ୍ୟ କାର୍ଯ୍ୟାଳୟ - ମାର୍ଫତ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ନୟାପଲ୍ଲୀ ଶାଖା, ହୋଟେଲ୍ କ୍ରାଉନ ପାଖ, ଆଇ.ଆର.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର – ୭୫୧ ୦୧୫

ପରିପତ୍ର ସଂଖ୍ୟା :- ୦୩-୨୦୧୮ ଭୁବନେଶ୍ୱର

ପ୍ରାପେକ୍ଷୁ – ଶାଖା ପ୍ରତିନିଧି ଏବଂ ସମସ୍ତ ସଦସ୍ୟଗଣ, ୦୩.୦୨.୨୦୧୮

ପ୍ରିୟ କମ୍ରେଡ୍,

**F.R.D.I. ବିଲ୍ ବିରୁଦ୍ଧରେ ଧାରଣା :-** କେନ୍ଦ୍ର ସରକାର "Financial Resolution & Deposit Insurance Bill, 2017" ନାମରେ ଏକ ବିଲ୍ ସଂସଦରେ ଆଗତ କରିଅଛନ୍ତି । ଏହି ବିଲ୍ ଅନୁମୋଦନ ହେଲେ, କୌଣସି ବ୍ୟାଙ୍କ୍ ଦେବାଳିଆ ହେବା ପରିସ୍ଥିତିରେ, ସେହି ବ୍ୟାଙ୍କ୍‌ରେ ଥିବା ନିଜର ଜମାଅର୍ଥକୁ, ଆଉ ଗ୍ରାହକମାନେ ଉଠାଇ ନେଇପାରିବେ ନାହିଁ । ଗ୍ରାହକମାନଙ୍କର ଜମାଅର୍ଥ ଉକ୍ତ ବ୍ୟାଙ୍କ୍‌ର ପୁନରୁଦ୍ଧାର ନିମିତ୍ତ ବ୍ୟବହାର କରାଯିବ । ପୂର୍ବରୁ, ଏହିଭଳି ପରିସ୍ଥିତିରେ ଜଣେ ଗ୍ରାହକଙ୍କର ଜମା ଅର୍ଥର ୧ ଲକ୍ଷ ଟଙ୍କା ସୀମା ପର୍ଯ୍ୟନ୍ତ ବୀମା ଦାୟିତ୍ୱ କେନ୍ଦ୍ର ସରକାର D.I.C.G.C. ମାଧ୍ୟମରେ ବହନ କରିଆସୁଥିଲେ । ଏହି ପ୍ରସ୍ତାବିତ ବିଲ୍ ଫଳରେ କୌଣସି ବ୍ୟାଙ୍କ୍ ଗ୍ରାହକଙ୍କର ଜମାଅର୍ଥର ସୁରକ୍ଷା ଦାୟିତ୍ୱ ଆଉ କେନ୍ଦ୍ର ସରକାର ବୁଝିବେ ନାହିଁ । ଏହି ଜନସ୍ୱାର୍ଥ ବିରୋଧି ବିଲ୍‌କୁ "ବେଫି" ତରଫରୁ ଦୃଢ଼ ବିରୋଧ କରାଯାଇଅଛି । ବେଫିର ଡାକରାରେ ଅଲ୍ ଓଡିଶା ବ୍ୟାଙ୍କ ଏମ୍ପ୍ଲୟୀଜ ଫେଡେରେସନ୍ ତରଫରୁ ଗତ ୩୦ ତାରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଏକ ଧାରଣା କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ବ୍ୟାଙ୍କରୁ ୪୮ଜଣ ସାଥି ଭାଗ ନେଇଥିଲେ । ଏଥିରେ ଆମ ରାଜ୍ୟ ସଙ୍ଗଠନ ତରଫରୁ ୧୪ ଜଣ ସାଥି ଯୋଗ ଦେଇଥିଲେ ।

**କାର୍ଯ୍ୟନିର୍ବାହୀ କମିଟୀ ବୈଠକ :-** ଆମ୍ଭ ରାଜ୍ୟ ସଂଗଠନର "ପରିବର୍ଦ୍ଧିତ କାର୍ଯ୍ୟନିର୍ବାହୀ କମିଟୀ ବୈଠକ" ଗତ ୨୧ ତାରିଖ ଦିନ କଟକ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ୭୧ଟି ୟୁନିଟ୍‌ରୁ ୧୦୦ ଜଣ ସାଥି ଯୋଗ ଦେଇଥିଲେ । ସଙ୍ଗଠନର ସଭାପତି ସାଥି ଉପେନ୍ଦ୍ର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ । ଏହି ବୈଠକରେ ୧୪ତମ ତ୍ରୟ-ବାର୍ଷିକ ସମ୍ମିଳନୀ ଉପରେ ବିସ୍ତାରିତ ଆଲୋଚନା ହୋଇଥିଲା । ଏହି ସମ୍ମିଳନୀରେ ୧୩୮ ୟୁନିଟ୍‌ର ୪୧୮ ସାଥିଙ୍କ ମଧ୍ୟରୁ ୧୦୭ଟି ୟୁନିଟ୍‌ର ୨୩୬ ସାଥି ଯୋଗ ଦେଇଥିଲେ । କୋଷାଧ୍ୟକ୍ଷ ସାଥି ସୁରେଶ ଚନ୍ଦ୍ର ନାୟକଙ୍କ ଦ୍ୱାରା ଉପସ୍ଥାପିତ ସମ୍ମିଳନୀ ପାଇଁ ଆଦାୟ ଏବଂ ଖର୍ଚ୍ଚର ବିବରଣୀ ତଥା ହିସାବକୁ ବୈଠକରେ ଅନୁମୋଦନ କରାଯାଇଥିଲା ।

ସମ୍ମିଳନୀ ପରଠାରୁ ଅଦ୍ୟାବଧି ରାଜ୍ୟ ସଙ୍ଗଠନର କାର୍ଯ୍ୟକ୍ରମ ପ୍ରସଙ୍ଗରେ ସାଧାରଣ ସମ୍ପାଦକ ବିବରଣୀ ପ୍ରଦାନ କରିଥିଲେ । ଇତି ମଧ୍ୟରେ, ବାହାର ରାଜ୍ୟରୁ ୬ ଜଣ ସାଥିଙ୍କର ଆମ ରାଜ୍ୟକୁ ବଦଳି ଆଦେଶ ଜାରୀ ହୋଇଅଛି । ପୁନଶ୍ଚ, ୧୯ ଜଣ କିରାଣୀ ସାଥିଙ୍କର ଅନୁରୋଧ କ୍ରମେ ବଦଳି ଆଦେଶ ଏବଂ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରୀ ସର୍କ୍ୟୁଲାର୍ ପରିପ୍ରେକ୍ଷୀରେ ଜଣେ ସବ୍‌ଷ୍ଟାଫ୍ ସାଥିଙ୍କର ବଦଳି ଆଦେଶ ଜାରୀ ହୋଇଅଛି । ଏହି ସମୟ ମଧ୍ୟରେ "Wait List"ରେ ୨ ଜଣ ସାଥିଙ୍କର ଅଫିସର ପଦବୀକୁ ପଦୋନ୍ନତି ହୋଇଅଛି । ଜଣେ ସାଥି ଏହି ପଦୋନ୍ନତି ଆଦେଶକୁ ଗ୍ରହଣ କରି ରେଢ଼ାଖୋଲ ଶାଖାରେ ଯୋଗ ଦେଇଥିବା ବେଳେ ଅନ୍ୟ ଜଣେ ସାଥି ଏହି ପଦୋନ୍ନତି ଆଦେଶକୁ ଗ୍ରହଣ କରିନାହାନ୍ତି । ୫ ଜଣ ସାଥି "ସ୍ପେଶାଲ୍ ଆସିଷ୍ଟାଣ୍ଟ" ପଦବୀକୁ, ୧୯ ଜଣ ସାଥି "ହେଡ୍ କ୍ୟାସିଅର୍", ପଦବୀକୁ ଏବଂ ୧୧ ଜଣ ସାଥି "S.W.O.-B" ପଦବୀକୁ ଉନ୍ନୀତ ହୋଇଛନ୍ତି । ଏତଦ୍‌ବ୍ୟତୀତ, ୭ ଜଣ ସବ୍‌ଷ୍ଟାଫ୍ ସାଥିଙ୍କର କିରାଣୀ ପଦବୀକୁ ପଦୋନ୍ନତି ହୋଇଅଛି । ତେବେ, ଅଦ୍ୟାବଧି ୩୯ଜଣ ସାଥି ବଦଳି ଆଦେଶ ପାଇ ସୁଦ୍ଧା ରିଲିଭ୍ ହୋଇପାରିନାହାନ୍ତି । ଆଲୋଚ୍ୟ ସମୟ ମଧ୍ୟରେ, ୫ ଜଣ ସାଥି ଅବସର ନେଇଛନ୍ତି, ୨ ଜଣ ସାଥି ଚାକିରୀ ସମୟ ମଧ୍ୟରେ ଅକାଳ ମୃତ୍ୟୁ ବରଣ କରିଛନ୍ତି ଏବଂ ଆଉ ଜଣେ ସାଥି ଚାକିରୀରୁ ବରଖାସ୍ତ ହୋଇଛନ୍ତି ।

ଏତଦ୍‌ବ୍ୟତୀତ, ଏହି ବୈଠକରେ "BEFI ଏବଂ AOBEF ର ମହିଳା ସମ୍ମିଳନୀ" ଏବଂ ୩ଟି I.R.Meetingର ବିବରଣୀ ଇତ୍ୟାଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ F.R.D.I. ବିଲ୍ ବିରୁଦ୍ଧରେ "ବେଫି"ର ଆନ୍ଦୋଳନ ଏବଂ ସେହି ପରିପ୍ରେକ୍ଷୀରେ ସ୍ୱାକ୍ଷର ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରାଇବାକୁ ଗୁରୁତ୍ୱ ଦିଆଯାଇଥିଲା । ସୂଚନାଯୋଗ୍ୟ, ଆମର କୌଣସି ସାଥି ଚାକିରୀରୁ ଅବସର ନେବା ସମୟରେ ସେହି ସାଥିଙ୍କୁ ଆମ ସଙ୍ଗଠନ ତରଫରୁ ଟ୧,୦୦୦/-ଙ୍କା ମୂଲ୍ୟର ଏକ ଉପଢୌକନ ସହିତ ସମ୍ବର୍ଦ୍ଧିତ କରାଯିବାର ପରମ୍ପରା ଅଛି । ଏ ସଂପର୍କରେ ବୈଠକରେ ଆଲୋଚନା କରାଯାଇ ସର୍ବସମ୍ମତ କ୍ରମେ ଏହି ଉପଢୌକନର ମୂଲ୍ୟର ସୀମାକୁ ଟ୨,୦୦୦/-ଙ୍କାକୁ ବୃଦ୍ଧି କରାଯାଇଅଛି । ଏହି ନିଷ୍ପତ୍ତି ଜାନୁଆରୀ, ୨୦୧୮ ଠାରୁ ଲାଗୁ ହେବାକୁ ସ୍ଥିର ହୋଇଅଛି ।

**I.R.Meeting, ଭୁବନେଶ୍ୱର :-** ଭୁବନେଶ୍ୱର କ୍ଷେତ୍ରର ଜୁଲାଇ-ସେପ୍ଟେମ୍ବର ଏବଂ ଅକ୍ଟୋବର-ଡିସେମ୍ବର ତ୍ରୈମାସିକ ଦ୍ୱୟର I.R.Meeting ଗତ ତା୦୬.୦୧.୨୦୧୮ରିଖ ଦିନ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆମ୍ଭ ରାଜ୍ୟ ସଂଗଠନ, A.O.U.B.E.A. ତରଫରୁ ୭ ଜଣ କର୍ମକର୍ତ୍ତା ଯଥା, ସଭାପତି ସାଥି ଉପେନ୍ଦ୍ର ମହାନ୍ତି, ଉପ-ସଭାପତି ସାଥି ପ୍ରଦୀପ ଷଡଙ୍ଗୀ ଓ ସରୋଜ ନାରାୟଣ ମିଶ୍ର, ସାଧାରଣ ସମ୍ପାଦକ ସାଥି ଅଜୟ କୁମାର ମହାନ୍ତି, ଉପ-ସାଧାରଣ ସମ୍ପାଦକ ସାଥି ଦେବଦତ୍ତ ମହାନ୍ତି, ସଙ୍ଗଠନ ସମ୍ପାଦକ ସାଥି ସରୋଜ କୁମାର ନାୟକ ଏବଂ କୋଷାଧ୍ୟକ୍ଷ ସାଥି ସୁରେଶ ଚନ୍ଦ୍ର ନାୟକ ନେଇଥିଲେ ।

**I.R.Meeting, ସମ୍ବଲପୁର :-** ସମ୍ବଲପୁର କ୍ଷେତ୍ରର ଅକ୍ଟୋବର-ଡିସେମ୍ବର ତ୍ରୈମାସିକ ଦ୍ୱୟର I.R.Meeting ଗତ ତା୩୧.୦୧.୨୦୧୮ରିଖ ଦିନ ସମ୍ବଲପୁର କ୍ଷେତ୍ରୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଆମ ରାଜ୍ୟ ସଂଗଠନ, A.O.U.B.E.A. ତରଫରୁ ୬ ଜଣ କର୍ମକର୍ତ୍ତା ଯଥା, ଉପ-ସଭାପତି ସାଥି ପ୍ରଦୀପ ଷଡଙ୍ଗୀ, ସାଧାରଣ ସମ୍ପାଦକ ସାଥି ଅଜୟ କୁମାର ମହାନ୍ତି, ସଙ୍ଗଠକ ସମ୍ପାଦକ ସାଥି ଉମେଶ ଚନ୍ଦ୍ର ଦାଶ, ସହ-ସମ୍ପାଦକ ସାଥି ତୁଳସାବତୀ ଧୁରୁଆ, ସାଥି ସୁଷମା ହୋରା ଏବଂ ସାଥି ଅଭିଷେକ ନନ୍ଦ ଭାଗ ନେଇଥିଲେ । ଏହି ବୈଠକରେ କର୍ମଚାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ବିସ୍ତୃତଭାବେ ଆଲୋଚନା କରାଯାଇଥିଲା ।

**ନୂତନ ଶାଖା :-** ଗତ ତା୨୬.୧୨.୨୦୧୭ରିଖରେ, ଆମ ରାଜ୍ୟର ଭୁବନେଶ୍ୱର କ୍ଷେତ୍ର ଅଧିନସ୍ଥ ବାଲେଶ୍ୱର ଜିଲ୍ଲାର ୫ମ ଏବଂ ୬ଷ୍ଠ ରୂପେ "ଜୟରାମପୁର" "ନାରାୟଣପୁର" ଠାରେ ଦୁଇଟି ଗ୍ରାମାଞ୍ଚଳ ଶାଖା ଏବଂ ଅନୁଗୁଳ ଜିଲ୍ଲାର ୪ର୍ଥ ଶାଖା ରୂପେ "ତାଳଚେର" ଠାରେ ଏକ ସହରାଞ୍ଚଳ ଶାଖା ଖୋଲିଅଛି । ବର୍ତ୍ତମାନ ଓଡିଶାରେ କାର୍ଯ୍ୟକ୍ଷମ ଆମ ବ୍ୟାଙ୍କର ବ୍ୟବସାୟିକ ଶାଖାଗୁଡିକର ଅବସ୍ଥିତି ଭିତ୍ତିରେ ସ୍ଥିତି ହେଲା :-

| | ଗ୍ରାମାଞ୍ଚଳ | ଅର୍ଦ୍ଧ-ସହରାଞ୍ଚଳ | ସହରାଞ୍ଚଳ | ମୋଟ ଶାଖା ସଂଖ୍ୟା | କ୍ଲିଅରିଂ-ହାଉସରେ ଅଂଶଗ୍ରହଣ କରୁଥିବା ଶାଖା ସଂଖ୍ୟା |
|---|---|---|---|---|---|
| ଭୁବନେଶ୍ୱର କ୍ଷେତ୍ର | ୨୭ | ୨୫ | ୨୯ | ୮୧ | ୨୩ |
| ସମ୍ବଲପୁର କ୍ଷେତ୍ର | ୨୪ | ୨୩ | ୬ | ୫୩ | ୨୦ |
| ମୋଟ | ୫୧ | ୪୮ | ୩୫ | ୧୩୪ | ୪୩ |

ଭୁବନେଶ୍ୱର କ୍ଷେତ୍ରୀୟ କର୍ତ୍ତୃପକ୍ଷ ସର୍କ୍ୟୁଲାର୍ ଜାରୀ କରି ଉପରୋକ୍ତ ୩ଟି ଶାଖା ନିମିତ୍ତ ଗୋଟିଏ ଲେଖାଁଏ ହେଡ୍ କ୍ୟାସିଅର, ପିଅନ ଏବଂ ହାଉସ୍ କିପର୍ ପଦବୀ-କମ୍-ପିଅନ ନିମିତ୍ତ ଦରଖାସ୍ତ ଆହ୍ୱାନ କରିଥିଲେ । ସେହି ସର୍କ୍ୟୁଲାର୍ ଆଧାରରେ ଦରଖାସ୍ତ କରିଥିବା ସାଥିମାନଙ୍କ ମଧ୍ୟରୁ ନିମ୍ନୋକ୍ତ ସାଥିମାନଙ୍କୁ ଆଦେଶ ପତ୍ର ମିଳିଯାଇଅଛି ।

| ନଂ | ସାଥିଙ୍କ ନାମ | ବର୍ତ୍ତମାନ କେଉଁ ଶାଖାରେ କାର୍ଯ୍ୟରତ | କେଉଁ ଶାଖାର କେଉଁ ପଦବୀ ନିମିତ୍ତ ନିଯୁକ୍ତି ପାଇଲେ |
|---|---|---|---|
| ୧ | ଆଲୋକ କୁମାର ସାହୁ | ଧାମରା | ହେଡ୍ କ୍ୟାସିଅର୍, ନାରାୟଣପୁର |
| ୨ | ଅଭିଜିତ୍ ପାଣିଗ୍ରାହୀ | ଦେବଗଡ | ହେଡ୍ କ୍ୟାସିଅର୍, ଜୟରାମପୁର |
| ୩ | ପାର୍ଥ ସାରଥି ମହାନ୍ତି | ଖରିଆର ରୋଡ୍ | ହେଡ୍ କ୍ୟାସିଅର୍, ତାଳଚେର |
| ୪ | ସୁଜିତ କୁମାର ସାହୁ | କୁଣ୍ଡେଇଗୋଲା | ହାଉସ୍ କିପର-କମ୍-ପିଅନ, ତାଳଚେର |

**ସାଥିଙ୍କ ଅବସର :-** ବନ୍ଧବାହାଲ ଶାଖାର ସ୍ପେଶାଲ ଆସିଷ୍ଟାଣ୍ଟ ସାଥି ଲବ ପ୍ରଧାନ ଗତ ତା୩୧.୦୧.୨୦୧୮ରିଖରେ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ସାଥି ପ୍ରଧାନ ତା୨୮.୦୯.୧୯୮୩ରିଖରେ ସବ୍‌ଷ୍ଟାଫ୍ ପଦବୀରେ ଯୋଗ ଦେଇ ତା୦୧.୦୪.୨୦୦୬ରିଖରେ କିରାଣୀ ପଦବୀକୁ ଉନ୍ନୀତ ହୋଇଥିଲେ । ଏହି ମର୍ମରେ ଆମ ରାଜ୍ୟ ସଙ୍ଗଠନର ସହ ସମ୍ପାଦକ ସାଥି ତୁଳସାବତୀ ଧୁରୁଆଙ୍କ ନେତୃତ୍ୱ ତଥା ବନ୍ଧବାହାଲ ଶାଖାର ୟୁନିଟ୍ ପ୍ରତିନିଧି ସୁମିତ୍ରାରାଣୀ ପଲେଇଙ୍କ ଉଦ୍ୟମରେ ତା୩୧.୦୧.୨୦୧୮ରିଖରେ ଶାଖା ପରିସରରେ ଏକ ମନୋଜ୍ଞ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ଉପ ସଭାପତି ସାଥି ପ୍ରଦୀପ ଷଡଙ୍ଗୀ ସାଥି ଲବ ପ୍ରଧାନଙ୍କୁ ଏବଂ ସାଥି ଧୁରୁଆ ସାଥି ପ୍ରଧାନଙ୍କ ପତ୍ନୀଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ ଠେଲକୋଲି, ଝାରସୁଗୁଡା ଏବଂ ବ୍ରଜରାଜନଗର ଶାଖାର ଅଧିକାଂଶ ସାଥି ଯୋଗ ଦେଇଥିଲେ ।

ରେଢାଖୋଲ ଶାଖାରେ କାର୍ଯ୍ୟରତ ହେଡ୍ କ୍ୟାସିଅର୍ ସାଥି ଭିକାରୀ ଚରଣ ଗରଡିଆ ମଧ୍ୟ ସେହି ଦିନ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି । ସାଥି ଗରଡିଆ ତା୨୯.୦୩.୧୯୯୦ରିଖରେ ସବ୍‌ଷ୍ଟାଫ୍ ପଦବୀରେ ଯୋଗ ଦେଇଥିଲେ । ତତ୍ପରେ, ଗତ ତା୧୪.୧୦.୨୦୧୫ରିଖରେ କିରାଣୀ ପଦବୀକୁ ଉନ୍ନୀତ ହୋଇଥିଲେ । ତା୩୧.୦୧.୨୦୧୮ରିଖରେ ଶାଖା ପରିସରରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ସାଧାରଣ ସମ୍ପାଦକ ସାଥି ଅଜୟ କୁମାର ମହାନ୍ତି ସାଥି ଗରଡିଆଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି ସଭାରେ କଦଳିଗଡ ଶାଖାର ସାଥିମାନେ ଯୋଗ ଦେଇଥିଲେ ।

| | | |
|---|---|---|
| A.<br>O.<br>U.<br>B.<br>E.<br>A. | ଏ.<br>ଓ.<br>ୟୁ.<br>ବି.<br>ଇ.<br>ଏ. | **BEFI ର ସଦସ୍ୟମାନଙ୍କ ଉଦ୍ଦେଶ୍ୟରେ**<br>..............................<br>.................... BRANCH |

ସଂଗ୍ରାମୀ ଅଭିବାଦନ ସହ ।
ଆପଣଙ୍କର

ସାଧାରଣ ସମ୍ପାଦକ

**"୧୧ଶ ଦ୍ୱିପାକ୍ଷିକ ରାଜିନାମା" ତୁରନ୍ତ ସ୍ୱାକ୍ଷରିତ ହେବା - ଆମର ଦାବୀ**

Address-Gen. Secy.,AOUBEA, c/o Union Bank of India, Nayapalli Branch, 3/1-A,Civic Centre, IRC Village, Nayapalli, Bhubaneswar-751015